ପ୍ରେସ୍ ନୋଟ୍

# ସାରା ରାଜ୍ୟରେ ୧୨୪ ଗୋଟି ନୂତନ ବସଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ ।

ଅନୁଗୋଳ,ତା. ୨୩.୦୮ :- ଆଜି ଅପରାହ୍ନରେ ଆଭାସି ମାଧ୍ୟମରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆମ ବସଷ୍ଟାଣ୍ଡ ଯୋଜନା ମାଧ୍ୟମରେ ରାଜ୍ୟରେ ୨୪ଗୋଟି ଜିଲ୍ଲାରେ ମୋଟ ୧୨୪ଗୋଟି ନୂତନ ଅତ୍ୟାଧୁନିକ ବସଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ପ୍ରଥମ ପର୍ଯ୍ୟାୟରେ ପ୍ରସ୍ତାବିତ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ୫୫ ଗୋଟି ବସଷ୍ଟାଣ୍ଡ ମଧ୍ୟରୁ ୧୩ଟି ଜିଲ୍ଲାର ମୋଟ ୨୧ ଗୋଟି ନୂତନ ଅତ୍ୟାଧୁନିକ ବସଷ୍ଟାଣ୍ଡର ଶୁଭ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ "ମୋ ପରିବହନ ସେବା", ମୋବାଇଲ ଆପ୍ , ଡ୍ରାଇଭରମାନଂକ ତାଲିମ ନିମନ୍ତେ ଗଞ୍ଜାମ ଜିଲ୍ଲାର ପାଲୁର ଠାରେ ଅବସ୍ଥିତ 'ସୁବାହକ ପ୍ରଶିକ୍ଷଣ କେନ୍ଦ୍ର'ର ଶୁଭ ଉଦଘାଟନ କରିଥିଲେ । ଏହି ପ୍ରଶିକ୍ଷଣ କେନ୍ଦ୍ରରେ ବର୍ଷକୁ ୫୦ ହଜାର ଡ୍ରାଇଭରଙ୍କୁ ଯାତ୍ରୀମାନଂକ ସୁରକ୍ଷା ଉପରେ ଉନ୍ନତମାନର ତାଲିମ ପ୍ରଦାନ କରାଯିବ । ଯୋଗାଯୋଗ କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ଏବଂ ପ୍ରତ୍ୟେକ ବ୍ଲକରେ ନୂତନ ବସଷ୍ଟାଣ୍ଡର ସ୍ଥାପନ ଦ୍ୱାରା ଓଡିଶାର ଜନସାଧାରଣ ବହୁଳ ଭାବରେ ଉପକୃତ ହୋଇପାରିବେ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ,ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ ଜେନା, 5T ସଚିବ ଶ୍ରୀ ଭି କେ ପାଣ୍ଡିଆନଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀଗଣ, ପ୍ରତ୍ୟେକ ଜିଲ୍ଲାରୁ ଆଭାସି ମାଧ୍ୟମରେ ଯୋଡି ହୋଇଥିବା ମାନ୍ୟବର ବିଧାୟକଗଣ ଏବଂ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶୁଭ ଅବସରରେ ମାନ୍ୟବର ବିଧାୟକ ଆଠମଲ୍ଲିକ ଶ୍ରୀ ରମେଶ ଚନ୍ଦ୍ର ସାଏ ଓ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅନୁଗୋଳ ଜିଲ୍ଲାର କିଶୋରନଗର ଠାରେ ୨.୫୪ ଏକର ପରିମିତ ସ୍ଥାନରେ ଓ ବଇଣ୍ଡା ଠାରେ ୩.୯୫ ଏକର ପରିମିତ ସ୍ଥାନରେ ନିର୍ମିତ ଅତ୍ୟାଧୁନିକ ବସଷ୍ଟାଣ୍ଡର ନାମ ଫଳକ ସ୍ଥାନୀୟ ଓସଓ୍ୱାନ ହଲ ଠାରେ ଉନ୍ମୋଚନ କରିଥିଲେ । ଏହି ଆଭାସି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର , ପରିବହନ ବିଭାଗର ଉତ୍ତର କେନ୍ଦ୍ରାଞ୍ଚଳ ଡେପୁଟି କମିଶନର ଶ୍ରୀ ସମିର କୁମାର ଦଳାଇ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ନିଖିଳ କୁମାର ପଟ୍ଟନାୟକଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା - ୫୦୬ ତା.୨୩.୦୮.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ 23/8/23




ଓଡ଼ିଶା ସରକାର
କିଶୋରନଗର
ବସ୍ ଷ୍ଟାଣ୍ଡ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
କରକମଳରେ
ଭିତ୍ତିପ୍ରସ୍ତର ସ୍ଥାପନ
୨୩ ଅଗଷ୍ଟ ୨୦୨୩
ବାଣିଜ୍ୟ ଓ ପରିବହନ ବିଭାଗ
ଓଡ଼ିଶା ସରକାର
ବଇଣ୍ଡା
ବସ୍ ଷ୍ଟାଣ୍ଡ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
କରକମଳରେ
ଭିତ୍ତିପ୍ରସ୍ତର ସ୍ଥାପନ
୨୩ ଅଗଷ୍ଟ ୨୦୨୩
ବାଣିଜ୍ୟ ଓ ପରିବହନ ବିଭାଗ